## ରମ୍ଭା ଚନ୍ଦନ ଯାତ୍ରା
## ଅନ୍ତିମ ଦିନରେ ଜନ ସମାଗମ



**ରମ୍ଭା,୧୧।୫(ସମିସ):** ରମ୍ଭା ଚନ୍ଦନ ଯାତ୍ରା ଅନ୍ତିମ ତଥା ସପ୍ତମ ଦିବସରେ ସହର ପ୍ରବଳ ଜନ ସମାଗମ ହୋଇଥିଲା। ଭଉଁରୀ ଯାତ୍ରା ହର୍ଷତୋ ଫୁଲ ସହ ମହା ଆଡ଼ମ୍ବର ସହକାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁ ମଦନ ମୋହନ ଓ ଚନ୍ଦ୍ର ଶେଖରଙ୍କୁ ପାରମ୍ପରିକ ସହକାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ପାଲିଙ୍କିରେ ଉଭୟ ଜୀଉଙ୍କୁ କାନ୍ଧେଇ ଚନ୍ଦନ ପୋଖରୀରେ ୨୧ଥର ଚାପ ଖେଳ ପୂର୍ବରୁ ପୋଖରୀକୁ ବାଜା, ମୃଦଙ୍ଗ, ଘଣ୍ଟ, କାହାଳି ଦ୍ୱାରା ଅଣାଯାଇ ପରିସମାପ୍ତି ଘଟିଥିଲା। ସ୍ନାନ ଯାତ୍ରା ଦେଖିବା ପାଇଁ ସଂଖ୍ୟାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା। ଏତଦ ବ୍ୟତୀତ ମାନସିକ ବେଶଧାରୀ, ହନୁମାନ, ରାଧାକୃଷ୍ଣ ମୂର୍ତ୍ତି, ଭୀମ ଦୁଃଶାସନ ଯୁଦ୍ଧ, କର୍ଣ୍ଣ ଅର୍ଜୁନ, ଦାନବୀର ହରିଶ୍ଚନ୍ଦ୍ର, କାଳୀ ମୂର୍ତ୍ତି ମୁଖ୍ୟ ଆକର୍ଷଣ ପାଲଟିଥିଲା। ସ୍ଥାନେ ସ୍ଥାନେ ପାଲା, ଦାସକାଠିଆ, ଗୋଟି ପୁଅ ନାଚ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଟର ଅଚଳରୁ ପାଣି ମିଳୁନି
# ରାସ୍ତା ଅବରୋଧ କଲେ ଗ୍ରାମବାସୀ

ଧରାକୋଟ,୧୧।୫(ସମିସ)

ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିପୁର ଗ୍ରାମରେ ପାଣି ପାଇଁ ରାସ୍ତାରୋକ ଓ ରାସ୍ତା ଉପରେ କାଠଗଣ୍ଡି ରଖି ଟାୟାର ଜାଳି ପ୍ରତିବାଦ କଲେ ଗ୍ରାମବାସି। ରାସ୍ତା ଅବରୋଧ ଯୋଗୁଁ ସୋରଡ଼ା - ଝଗଡେଇ ଓ ଜାହାଡା ମଧ୍ୟରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ସିଙ୍ଗିପୁର ଗ୍ରାମରେ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ବସୁଧା ଯୋଜନାରେ ପାଣି ଟାଙ୍କି ମଧ୍ୟ ରହିଛି। କିନ୍ତୁ ଦୀର୍ଘ ଦିନ ହେଲା ମୋଟର କାମ କରୁନଥିବାରୁ ଗ୍ରାମବାସିଙ୍କୁ ପିଇବା ପାଇଁ ପାନୀୟ ଜଳ ମିଳିବାରେ ଅସୁବିଧା ହେଉଛି। ଫଳରେ ଗ୍ରାମ ଠାରୁ ଏକ କିଲୋମିଟର ଦୂରରେ ଥିବା ଋଷିକୁଲ୍ୟା ନଦୀରୁ ଚୁଆ ଖୋଳି ନଦୀର ଦୂଷିତ ପାଣି ବ୍ୟବହାର କରି ରୋଗରେ ପଡୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ଶୁଣି ନଥିବାରୁ ସୋମବାର ଗ୍ରାମବାସୀ ରାସ୍ତାରୋକ କରିବା ସହ ପ୍ରତିବାଦ କରିଛନ୍ତି। ସୋମବାର ସକାଳେ



ସିଙ୍ଗିପୁର ଗ୍ରାମର ଶତାଧିକ ମହିଳା ପୁରୁଷ ପାଣି ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ଖବର ପାଇ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ, ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିପ୍ତାଂଶୁ ପରିଡ଼ା, ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝା ସୁଝା କରିବା ସହ ଦୁଇ ତିନିଦିନ ଭିତରେ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ● ଚାରିଦିନର ଅଚଳାବସ୍ଥା ସୁଧୁରିଲା
## କାର୍ଯ୍ୟରେ ଯୋଗଦେଲେ ପରିମଳ କର୍ମଚାରୀ



**କବିସୂର୍ଯ୍ୟନଗର,୧୧।୫(ସମିସ):** ଚାଲିଥିଲା ପୌର ପ୍ରଶାସନ ଓ କାଉନସିଲର ଅଧ୍ୟକ୍ଷ ମଧ୍ୟରେ ଲଢେଇ। ଚାରିଦିନର ଅଚଳାବସ୍ଥା ପରେ ସୋମବାର ସ୍ୱାଭାବିକ ସ୍ଥିତିକୁ ଫେରିଛି କବିସୂର୍ଯ୍ୟନଗର ପୌର କାର୍ଯ୍ୟାଳୟ। ଗତ ମାର୍ଚ୍ଚ ମାସରେ ସହରର ଉନ୍ନୟନ କାର୍ଯ୍ୟକୁ ନେଇ ବାହାରିଥିବା ୪୮ ଟେଣ୍ଡର କାର୍ଯ୍ୟାଦେଶ ବଣ୍ଟନରେ ବିଳମ୍ବ କରାଯିବା ସହ କବିସୂର୍ଯ୍ୟନଗର ବିଧାୟକ ପୌର ପାଳିକାରେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଦେଉନଥିବା ଅଭିଯୋଗକରି ଗତ ଶୁକ୍ରବାର ଏନଏସି କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ ଅଧ୍ୟକ୍ଷଙ୍କ ସମେତ ବହୁ କାଉନସିଲର। ଫଳରେ ଶୁକ୍ରବାର ଠାରୁ କାର୍ଯ୍ୟାଳୟରେ ତାଲା ବନ୍ଦ ରହିବା ସହ ସହର ସାରା ସଫେଇ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିଲା। ଦୀର୍ଘ ତିନିଦିନ ଧରି କାର୍ଯ୍ୟାଳୟରେ ତାଲା ଝୁଲିବା ପରେ ରବିବାର ଅପରାହ୍ନରେ ଅଚାନକ କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚି ପୁଲିସ ସହାୟତରେ ପୌର କାର୍ଯ୍ୟାଳୟ ଫାଟକର ତାଲା ଭାଙ୍ଗିଥିଲେ। ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ଆଲୋଚନା ପରେ ସୋମବାର ପୂର୍ବାହ୍ନରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, କବିସୂର୍ଯ୍ୟନଗର ଭାରପ୍ରାପ୍ତ ଥାନା ଅଧିକାରୀ ଆଇପିଏସ ନୀତେଶ କୁମାର ମିଶ୍ର ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପହଞ୍ଚି ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ଫଳରେ କାଉନସିଲରମାନେ ଆନ୍ଦୋଳନରୁ ହଟିବା ସହ ସହର ସଫେଇ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପଟେ ଘଟଣାରେ ମୋର କୌଣସି ସମ୍ପୃକ୍ତି ନାହିଁ। ସହର ଉନ୍ନତି ମୁଁ ଚାହୁଁଛି। ଟେଣ୍ଡର କାର୍ଯ୍ୟାଦେଶ ବଣ୍ଟନ ଆହୁରି ଦୁଇ ମାସ ରହିଥିଲେ ହେଁ କାହିଁକି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏଭଳି ଲୋକଙ୍କୁ ବିଭ୍ରାନ୍ତି କରୁଛନ୍ତି। କିଛି ବ୍ୟକ୍ତି ମୋ ନାମରେ ମିଛ ପ୍ରଚାର କରୁଥିବା କହିଛନ୍ତି ବିଧାୟକ । ଏନେଇ ଅପର ଜନପ୍ରତିନିଧି ଗୋଷ୍ଠୀର ନେତା ମନୋରଞ୍ଜନ ମହାପାତ୍ର କହିଛନ୍ତି କାର୍ଯ୍ୟାଦେଶ ବିଳମ୍ବ ହେଲେ ରାସ୍ତାରୋକକୁ ଓହ୍ଲାଇବୁ।

# ଆଧ୍ୟାତ୍ମିକ ପରିବେଶରେ ଚାଲିଛି ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା

### ଦିନକୁଦିନ ଜମିବାରେ ଲାଗିଛି ଭିଡ଼
### ୪ଟି ସାହି ପରିକ୍ରମା କରି ଭୋଗ ଗ୍ରହଣ କଲେ ମା'

**ଛତ୍ରପୁର ୧୧।୫(ସମିସ):** ଆଧ୍ୟାତ୍ମିକ ପରିବେଶରେ ଚାଲିଛି ଗଞ୍ଜାମ ଜିଲା ଛତ୍ରପୁର ସହରର ଐତିହାସିକ ରାମାୟଣମ୍ମା ଠାକୁରାଣୀ ଯାତ୍ରା। ଦିନକୁ ଦିନ ଭିଡ଼ ହେଉଛି ମାଙ୍କ ଦର୍ଶନ ପାଇଁ। ଯାତ୍ରା ଏବେ ବଡ଼ ଧୁମଧାମରେ ଚାଲିଛି। ମାଙ୍କ ଯାତ୍ରାକୁ ଆଜକୁ ୮ମ ଦିନରେ ପହଞ୍ଚିଛି। ମା'ଙ୍କ ଘଟ ଅସ୍ଥାୟୀ ଯାତ୍ରା ମଣ୍ଡପରୁ ବାହାରି କୋର୍ଟଷ୍ଟେସନ ସାହି, ନୀଳକଣ୍ଠସାହି, କପିଳସାହି ଓ ପାତ୍ର ସାହି ପରିକ୍ରମା କରିଥିଲେ। ସେଠାରେ ମା'ଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିବା ବିଭିନ୍ନ ଭୋଗ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ଯିବା ଦହି ଭାତ ଭୋଗ କରାଯାଇଥିଲା।



ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଙ୍କ ପୂଜାର୍ଚ୍ଚନା କରାଯିବା ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିଥିଲେ। ମା'ଙ୍କ ଏହି ଘଟ ପରିକ୍ରମା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମା'ଙ୍କ ଘଟ ନଗର ପରିକ୍ରମା ସମୟରେ ଯେପରି କୌଣସି ଅସୁବିଧା ନ ହେବ ସେଥି ନିମନ୍ତେ ଛତ୍ରପୁର ଥାନାର ବହୁ ପୁଲିସ୍ କର୍ମଚାରୀ ଓ ସ୍ୱେଚ୍ଛାସେବୀ ସହଯୋଗରେ ମାଙ୍କ ଘଟ ଚାରି ପଟୁ ଦୁଉଡିରେ ବ୍ୟାରିକେଡ୍ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ୍. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, ସମ୍ପାଦକ ପି.ରାଜୁରେଡ୍ଡୀଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ପରିଚାଳନା କରିଥିଲେ।

ଚଳିତ ବର୍ଷ ମାଙ୍କ ବଡ଼ ବଡ଼ ସୁନ୍ଦର ତୋରଣ ସହିତ ଆଲୋକ ଶଯ୍ୟା ରେ ଝଲସି ଉଠୁଛି ସାରା ସହର। ଏହା ସହିତ ବଡ଼ ବଡ଼ ଲାଇଟ ଗେଟ୍‌ରେ ଲଗାଯାଇଛି। ଆଗାମୀ ଦିନରେ ବଡ଼ ବଡ଼ କଳାକୁଞ୍ଜ ସହିତ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟ ଓ ଅନ୍ୟ ରାଜ୍ୟର ଅନେକ କଳାକାର ଯୋଗଦେଇ ମା'ଙ୍କ ଶୋଭା ବଢ଼ାଇବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଶେଷ ୧୫ ଦିନ ରାମଦୋଳି ସହିତ ମିନବଜାର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶେଷ ୭ ଦିନ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଖ୍ୟାତିନାମା କଳାକାରମାନେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ଏହାସହିତ ବିଭିନ୍ନ ବିଭାଗର ସରକାରୀ ଷ୍ଟଲ ମଧ୍ୟ ଖୋଲାଯିବ।

### ■ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ
## ୬୧ ଜାମିନବିହୀନ ୱାରାଣ୍ଟ ଓ ୧୭୬ ୱାରାଣ୍ଟ ଗିରଫ

**ଛତ୍ରପୁର,୧୧।୫(ସମିସ):** ଗଞ୍ଜାମ ପୋଲିସ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇ ଚଢାଉ ଜାରି ରହିଛି। ଏହି ଅବସରରେ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଦୀର୍ଘ ଦିନ ଧରି ଅଣ ଜାମିନ ଅଯୋଗ୍ୟ ଗିରଫ ପରୱାନ କାର୍ଯ୍ୟକାରୀ କରାଯାଇଛି। ମୋଟ ୬୧ ଜଣକୁ ଜାମିନବିହୀନ ୱାରାଣ୍ଟ ଧରାପଡିଛନ୍ତି। ଗାଙ୍ଗପୁର ଥାନା ପକ୍ଷରୁ ସର୍ବାଧିକ ୯ ଜଣ , ବୁଗୁଡା, ଖଲ୍ଲିକୋଟ, ରମ୍ଭା, ତାରସିଂ ,ପାଟପୁର ଥାନା ପକ୍ଷରୁ ୫ ଲେଖାଏଁ ଜାମିନବିହୀନ ୱାରାଂଟ ଧରିବାରେ ସଫଳ ହୋଇଛନ୍ତି। ଏହି ବ୍ୟକ୍ତିମାନେ ଅପରାଧ କରି ଦିର୍ଘ ଦିନ ହେଲା ଫେରାର ରହିଥିଲେ। ସେହିପରି ୧୭୬ଜଣ ୱାରାଂଟକୁ ମଧ୍ୟ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପୋଲସରା ଥାନା ପକ୍ଷରୁ ସର୍ବାଧିକ ୧୯, ଗାଙ୍ଗପୁର ୧୩, ଖଲ୍ଲିକୋଟ ୧୨, ପୁରୁଷୋତମପୁର ଓ ତାରସିଂ ୧୧, ବୁଗୁଡା ଓ ଜଗନ୍ନାଥପ୍ରସାଦ ଥାନା ପକ୍ଷରୁ ୧୦ ଜଣ ୱାରାଂଟକୁ ଗିରଫ କରାଯାଇଛି। ଏହି ଅଭିଯାନରେ ଗିରଫ ହୋଇଥିବା ବ୍ୟକ୍ତିମାନେ ଚୋରି, ଲୁଟ, ମାରପିଟ ଏବଂ ଅନ୍ୟାନ୍ୟ ଅପରାଧରେ ସଂପୃକ୍ତ ରହି ଫେରାର ରହିଥିଲେ। ସେହିପରି ଦିର୍ଘ ଦିନ ଧରି କୋର୍ଟ ହାଜର ହେଉନଥିବା ଏବଂ ଅପରାଧୀଙ୍କୁ ଆଇନର ପରିସରକୁ ଆଣିବା ପାଇଁଏକ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଅପରାଧିଙ୍କ ବିରୋଧରେ ଏହି ଶୂନ୍ୟ ସହିଷ୍ଣୁତା ନୀତି ଜାରି ରହିବ। ଆଗମୀ ୧୫ ଦିନ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବା ସହ ଆହୁରି ବ୍ୟାପକ କରାଯିବ ବୋଲି ଏସପି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

# ବଉଳଝୋଲିରେ ଜନ ଅଭିଯୋଗ ଶୁଣାଣି



**କୁକୁଡାଖଣ୍ଡି,୧୧।୫(ସମିସ):** କୁକୁଡ଼ାଖଣ୍ଡି ବ୍ଲକର ବଉଳଝୋଳି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଏଇ ଅନୁରାଗ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣୀ କରିଥିଲେ। ଅଭିଯୋଗ ମଧ୍ୟରେ ମୁଖ୍ୟ ସମସ୍ୟା ବଡ଼ ବନ୍ଧ ନବୀକରଣ ଓ ରାସ୍ତା ନିର୍ମାଣ ଥିବା ବେଳେ ରାସନ୍ କାର୍ଡ, ଭତ୍ତା, ଆବାସ ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ଅନ୍ୟାନ୍ୟ ଅଭିଯୋଗ ରହିଥିବା ଦେଖିବାକୁ ମିଳିଥିଲା। ଖୁବ୍‌ଶୀଘ୍ର ଅଭିଯୋଗ ଗୁଡ଼ିକ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରଶାସନ ଅଧିକାରୀ କହିଥିଲେ।

# ସୋମନାଥ ସ୍ୱାଭିମାନ ପର୍ବ ପାଳିତ

**ଛତ୍ରପୁର/ଗଞ୍ଜାମ,୧୧।୫(ସମିସ):** ସୋମନାଥ ମନ୍ଦିର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ "ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଇଛି। ଏହି କ୍ରମରେ ଗଞ୍ଜାମ ବ୍ଲକର କଣ୍ଟିଆଗଡ ସ୍ଥିତ ବଟେଶ୍ୱର ଶିବ ମନ୍ଦିରରେ ମଧ୍ୟ ସୋମନାଥ ସ୍ୱାଭିମାନ ପର୍ବ ପାଳନ ହେବା ସହ ଜଗତ କଲ୍ୟାଣ ପାଇଁ ସାମୂହିକ ପୂଜାର୍ଚ୍ଚନା କରାଯାଇଥିଲା। ଗୁଜୁରାଟର ସୋମନାଥ ମନ୍ଦିରର ଭବ୍ୟ ଓ ଦିବ୍ୟ ଉତ୍ସବ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶରେ ଶାନ୍ତି ଓ ସମୃଦ୍ଧି ପାଇଁ କରାଯାଇଥିବା ପୂଜାର୍ଚ୍ଚନାକୁ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ଭକ୍ତମାନେ ବଟେଶ୍ୱର ଶିବ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପରୁ ଦେଖିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ବିଡିଓ ଅଚ୍ୟୁତାନନ୍ଦ ଜାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି, ଗଞ୍ଜାମ ବ୍ଲକ, ମାନସ ନାହାକ, ଏବଂ ସ୍ଥାନୀୟ ଜନପ୍ରତିନିଧି, ଭକ୍ତ ଯୋଗଦେଇଥିଲେ।



## ବିଶ୍ୱ ସେବିକା ଦିବସ ଆଜି
# ଗଞ୍ଜାମ ଜିଲ୍ଲା ସମେତ ଏମ୍‌କେସିଜିରେ ୭୦୯ ନର୍ସିଂ ପଦବୀ ଖାଲି

ବ୍ରହ୍ମପୁର,୧୧।୫(ସମିସ)

ପ୍ରତିବର୍ଷ ମେ' ୧୨ ତାରିଖକୁ ବିଶ୍ୱ ଆନ୍ତର୍ଜାତୀୟ ସେବିକା ଦିବସ ଭାବେ ପାଳନ କରାଯାଏ। ନର୍ସିଂ ବା ସେବିକା ବୃତ୍ତିର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳନ କରାଯାଏ। ଏହା ସହ ସମାଜ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନଙ୍କ(ନର୍ସ) ଅବଦାନକୁ ସମ୍ମାନ ଜଣାଇବା ଏବଂ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଭଳି ଭାବେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ନର୍ସିଂ ଅଫିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଖାଲି ପଡ଼ିଥିବା ନର୍ସିଂ ଅଫିସର ପଦବୀ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସମଗ୍ର ଗଞ୍ଜାମ ଜିଲ୍ଲାରେ ଏମକେସିଜି ମେଡିକାଲ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଶାଇ ମୋଟ ୧୯୮୫ଟି ନର୍ସିଂ ଅଫିସର ପଦବୀ ମଞ୍ଜୁରୀ ଥିବା ବେଳେ ୭୦୯ଟି ପଦବୀ ଖାଲି ପଡ଼ିଛି। ଫଳରେ ଅନେକ ସ୍ଥାନରେ ଅଳ୍ପ ସଂଖ୍ୟକ ନର୍ସଙ୍କୁ ଅଧିକ କାର୍ଯ୍ୟଭାର ବହନ କରିବାକୁ



ପଡୁଛି। ଏହା ଦ୍ୱାରା ସିଧାସଳଖ ରୋଗୀ ଚିକିତ୍ସାରେ ପ୍ରଭାବ ପଡୁଛି। ସଠିକ ସମୟରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳୁନଥିବାରୁ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସାରେ ଉନ୍ନତି ଆସୁନଥିବା ଅଭିଯୋଗ ହୋଇଛି। ବିଶେଷ କରି ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲ ଉପରେ ବହୁ ଜିଲ୍ଲାର ହଜାର ହଜାର ରୋଗୀ ନିର୍ଭର କରୁଥିବା ବେଳେ ମେଡ଼ିକାଲରେ ଖାଲି ପଡ଼ିଥିବା ନର୍ସିଂ ପଦବୀ

### ନର୍ସ ଅଭାବରୁ ରୋଗୀ ସେବାରେ ବାଧା

କେବଳ ରୋଗୀ ନୁହେଁ, ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ନିମନ୍ତେ ମୁଣ୍ଡବ୍ୟଥାର ମୁଖ୍ୟ କାରଣ ପାଲଟିଛି। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲରେ ନର୍ସିଂର ବିଭିନ୍ନ ବର୍ଗରେ ମୋଟ ୧୦୨୦ଟି ପଦବୀ ମଞ୍ଜୁରୀପ୍ରାପ୍ତ ରହିଛି। ସେଥିରୁ ବର୍ତ୍ତମାନ ୭୧୪ଜଣ କାର୍ଯ୍ୟରତ ଥିବା ବେଳେ ୩୦୬ଟି ପଦବୀ ଖାଲି ପଡ଼ିଛି। ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ସତ୍ତ୍ୱେ ଆବଶ୍ୟକ ଅନୁପାତରେ ନର୍ସ ନଥିବାରୁ ଚିକିତ୍ସା ସେବାରେ ଚାପ ବଢୁଥିବା କୁହାଯାଉଛି। ସେହିପରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୯୬୫ଟି ନର୍ସିଂ ଅଫିସର ପଦବୀ ମଞ୍ଜୁରୀପ୍ରାପ୍ତ ରହିଥିବା ବେଳେ କେବଳ ୫୬୨ଜଣ କାର୍ଯ୍ୟରତ ଅଛନ୍ତି। ଅର୍ଥାତ ୪୦୩ଟି ପଦବୀ ଏବେବି ଖାଲି ରହିଛି। ଏହାର ପ୍ରଭାବ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟସେବା ନମିଳିବାରୁ କେନ୍ଦ୍ର ଉପରୁ ରୋଗୀଙ୍କ ଧିରେ ଧିରେ ଭରସା ଉଠୁଥିବା ଅଭିଯୋଗ ହେଉଛି। ଏଭଳି ଭାବେ ସମଗ୍ର ଗଞ୍ଜାମ ଜିଲ୍ଲାରେ ଏମକେସିଜି ମେଡିକାଲ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ନର୍ସିଂ ଅଫିସର ପଦବୀ ଖାଲିପଡ଼ିଛି। ଫଳରେ ଅନେକ ସ୍ଥାନରେ ଅଳ୍ପ ସଂଖ୍ୟକ ନର୍ସଙ୍କୁ ଅଧିକ କାର୍ଯ୍ୟଭାର ବହନ କରିବାକୁ ପଡୁଛି। ତେଣୁ ରୋଗୀ ସେବାକୁ ଗୁରୁତ୍ୱ ପ୍ରଦାନ କରି ଜିଲ୍ଲରେ ଖାଲି ପଦବୀ ପୂରଣ ପାଇଁ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା କରିବାକୁ ସାଧାରଣରେ ଦାବି ଜୋର ଧରିଛି।

### ■ ମଞ୍ଜୁକୁ ନ୍ୟାୟ ମିଳିବ ତ!
## ତିନି ଜଣିଆ ଟିମ୍ କଲେ ତଦନ୍ତ

**ଛତ୍ରପୁର,୧୧।୫(ସମିସ):** ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତର ଏମବିକେ ମଞ୍ଜୁ ବେହେରାଙ୍କୁ ବିନା କାରଣରେ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଛତ୍ରପୁର ବ୍ଲକ ମାଧପୁର ପଞ୍ଚାୟତରେ ଏକ ତିନି ଜଣିଆ ଟିମ ଏହାର ତଦନ୍ତ କରିଛନ୍ତି। ସୋମବାର ଏହି ଟିମ ମାଧପୁର ପଞ୍ଚାୟତ ଗୃହରେ ଉପସ୍ଥିତ ରହି ଜିପିଏଲଏଫ ଇସି ମେମ୍ବର (କାର୍ଯ୍ୟକାରୀ ସଦସ୍ୟ) ଓ ଛଟେଇ ହୋଇଥିବା ମଞ୍ଜୁଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହି ଟିମରେ ସସ୍ମିତା ବଳବନ୍ତରାୟ, ମିଲି ସାହୁ, ମାନସୀ ବେହେରାଙ୍କ ସମେତ ବିପିଏମ ମାନିନୀ ଜେନା ମଧ୍ୟ ଉପସ୍ଥିତ ଥିଲେ। ୩୦ ଅପ୍ରେଲ ଚିଠି ନମ୍ବର ୩୧୩୬ ଆଧାରରେ ଓଏଲଏମର ଡିପିଏମ ଚଳିତ ମାସ ୭ ତାରିଖରେ ଏହି ଘଟଣାର ତଦନ୍ତ ପାଇଁ ଆଦେଶ ଦେଇଥିଲେ। ତଦନ୍ତ ରିର୍ପୋଟ ଉପରସ୍ତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟ ପକ୍ଷରେ ମୋତେ ଯେଉଁ ଦିନ ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ ସେତେଦିନ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ମଞ୍ଜୁ ବେହେରା କହିଛନ୍ତି। ସୂଚନା ଥାଉକି ମଞ୍ଜୁ ଦୀର୍ଘ ୯ ବର୍ଷ ହେଲା ବଡମାଧପୁର ପଞ୍ଚାୟତରେ ଏମବିକେ ଭାବେ କାର୍ଯ୍ୟ କରିଆସୁଥିଲେ। ଏବେ ତାଙ୍କୁ ବିନା କାରଣରେ ଛଟେଇ କରାଯାଇଛି। ଏନେଇ ମଞ୍ଜୁ ଜିଲ୍ଲାପାଳ, ବିଡିଓ ଓ ବ୍ଲକ ବିପିଏମଙ୍କୁ ଗୁହାରି କରିଥିଲେ ବି କୌଣସି ସୁଫଳ ମିଳିନଥିଲା। ଏପରିକି ମଞ୍ଜୁକୁ ୮ ମାସର ଦରମା ମଧ୍ୟ ମିଳିନଥିବା କହିଥିଲେ। ଶେଷରେ ମଞ୍ଜୁ ନ୍ୟାୟ ଦାବି ନେଇ ଚଳିତ ମାସ ୭ ତାରିଖ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ବୋତଲ ଧରି ଆତ୍ମାହୁତିର ଧମକ ଦେଇଥିଲେ। ପୁଲିସ ପହଞ୍ଚି ପେଟ୍ରୋଲ ବୋତଲକୁ ଛଡେଇ ନେଇଥିଲେ।

# ଦରମାରୁ ବଞ୍ଚିତ ବିଶ୍ୱବିଦ୍ୟାଳୟର ଶିକ୍ଷକ ଅଣଶିକ୍ଷକ ରାଜ୍ୟବ୍ୟାପୀ ଆନ୍ଦୋଳନ

ବ୍ରହ୍ମପୁର,୧୧।୫(ସମିସ):

ଡବଲ ଇଂଜିନ ସରକାରରେ ପ୍ରଥମେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନରେ ସମସ୍ୟା ଦେଖାଦେଇଥିବା ବେଳେ ବର୍ତ୍ତମାନ କର୍ମଚାରୀଙ୍କୁ ମିଳୁନି ଦରମା। ପୂର୍ବରୁ ମାସର ପ୍ରଥମ ଦିନରେ ଦରମା ମିଳୁଥିବା ବେଳେ ୧୧ତାରିଖ ସୁଦ୍ଧା କର୍ମଚାରୀଙ୍କୁ ସେମାନଙ୍କର ଏପ୍ରିଲ ମାସର ଦରମା ମିଳିନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗରେ ସୋମବାର ରାଜ୍ୟବ୍ୟାପୀ ସମସ୍ତ ବିଶ୍ୱବିଦ୍ୟାଳୟରେ ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ପ୍ରତିକାତ୍ମକ ଆନ୍ଦୋଳନ କରାଯାଇଛି। ଏହି କ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମଧ୍ୟାହ୍ନ ୧୨ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦିର୍ଘ ଏକ ଘଣ୍ଟା ଧରି କର୍ମଚାରୀମାନେ ପ୍ରଶାସନିକ ଭବନ ସମ୍ମୁଖରେ କାର୍ଯ୍ୟବନ୍ଦ କରି ବିକ୍ଷୋଭ ଓ ପ୍ରତିବାଦ ସଭାର ଆୟୋଜନ କରିଥିଲେ। ପରେ ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଯୁଗ୍ମ ଭାବେ ଏକ ସ୍ମାରକପତ୍ର କୁଳପତିଙ୍କ ଉଦ୍ଦେଶ୍ୟରେ କୁଳସଚିବଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟରେ ସରକାରୀ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟ




ଗୁଡିକରେ କର୍ମଚାରୀଙ୍କୁ ମାସିକ ଦରମା ମିଳିବାରେ ବିଳମ୍ବ ହୋଇଛି। ଯାହା ପୂର୍ବରୁ କେବେ ଏଭଳି ସ୍ଥିତି ଦେଖିବାକୁ ମିଳିନଥିଲା। ଯାହାର ପ୍ରତିବାଦରେ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ। ସରକାର ରାଜ୍ୟର ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ୟୁପିଏସ ଏବଂ ଏନପିଏସ ପେନସନ ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏଥିରୁ ବାଦ ପଡିଛନ୍ତି। ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କହିଛନ୍ତି ମହାସଂଘର ସଭାପତି ଡଃ ମିହିର କୁମାର ତ୍ରିପାଠୀ। ଆଜିର ଏହି ପ୍ରତିବାଦ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ଡଃ ସତ୍ୟନାରାୟଣ ସାହୁ ଓ ଡଃ ମୃତ୍ୟୁଞ୍ଜୟ ଜେନା ପ୍ରମୁଖଙ୍କ ସମେତ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ବି.ତେଜେଶ୍ୱର

- ଦରମା ପାଇବାରୁ ବଞ୍ଚିତ କର୍ମଚାରୀଙ୍କୁ ବହୁ ସମସ୍ୟା ଓ କ୍ଷତି ସହିବାକୁ ପଡିଥିବା ଅଭିଯୋଗ
- ଏବେ ପ୍ରତୀକାତ୍ମକ ଆଗକୁ ହକ୍ ପାଇଁ ଜୋରଦାର ହେବ ଲଢେଇ : ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ
- ବିଭିନ୍ନ ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିରୁ ଅବସରପ୍ରାପ୍ତ ଓ କର୍ମଚାରୀଙ୍କୁ ଦେଇଛନ୍ତି ସେମାନଙ୍କ ପ୍ରାପ୍ୟ

ସଂଘର ସଭାନେତ୍ରୀ ପ୍ରଫେସର ଜ୍ୟୋସ୍ନା ସାହୁ, ଉପସଭାପତି ଡଃ ଜୟନ୍ତ କୁମାର ପଣ୍ଡା, ରାଓ, ସମ୍ପାଦକ ସତ୍ୟ ନାରାୟଣ ଶତପଥୀ, ଉପଦେଷ୍ଟା ବିଶ୍ୱବିହାରୀ ବିଶୋୟୀ ଓ ଇନ୍ଦ୍ରପ୍ରସାଦ ବେହେରା ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ କର୍ମଚାରୀଙ୍କ ଦାବି ପୂରଣ ଦିଗରେ ସରକାର ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମହାସଂଘ ଚେତାବନୀ ଦେଇଛି। ସେପଟେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦରମା ମିଳିବାରେ ବିଳମ୍ବ ନେଇ ପ୍ରଶ୍ନର ଉତ୍ତର ରଖିଛନ୍ତି ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଧଙ୍ଗଡାମାଝୀ। ସେ କହିଛନ୍ତି ପ୍ରଥମ ଥର ପାଇଁ ଯଦିଓ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତେବେ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ସହିତ ଯୋଗାଯୋଗ ଜାରି ରହିଛି। ରାଜ୍ୟର ସମସ୍ତ ୧୬ଟି ବିଶ୍ୱବିଦ୍ୟାଳୟରେ ଏକା ପରିସ୍ଥିତି ସୃଷ୍ଟି ହୋଇଛି। କିଛି ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିରୁ କର୍ମଚାରୀଙ୍କୁ ଦରମା ଦେଇ ସମସ୍ୟାର ସାମୟିକ ପ୍ରତିକାର କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମଧ୍ୟ ନିଜସ୍ୱ ପାଣ୍ଠିରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଛି। ତେବେ ଏହି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ପରଲୋକ

ବେଲଗୁଣ୍ଠା,୧୧।୫(ସମିସ): ଅବସରପ୍ରାପ୍ତ ପୁଲିସ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କର ଗତ ରାତ୍ରରେ ହୃଦଘାତରେ ତାଙ୍କର ଭଞ୍ଜନଗର କଳିଙ୍ଗନଗର ସ୍ଥିତ ଦ୍ୱିତୀୟ ଲାଇନ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୬୪ ବର୍ଷ ବୟସ ହୋଇଥିଲା। ଅବସର ବେଳକୁ ସେ ଭଞ୍ଜନଗର କୋର୍ଟରେ ଏସଆଇ ଭାବେ କାର୍ଯ୍ୟ କରୁଥିଲେ। ଏଥିପୂର୍ବରୁ ସେ ବୁଗୁଡ଼ା କୋର୍ଟ, ଗାଙ୍ଗପୁର ଥାନା, ପୋଲସରା ଥାନାରେ କାର୍ଯ୍ୟକରି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ସବୁଠି ପ୍ରଶଂସିତ ହୋଇଥିଲେ। ଜଣେ ସଚ୍ଚୋଟ ପୋଲିସ ଅଧିକାରୀ ଭାବେ ସେ ସବୁଠି ପ୍ରଶଂସାର ପାତ୍ର ହୋଇପାରିଥିଲେ। ୧୯୬୩ ମସିହାରେ ଭଞ୍ଜନଗର ନିକଟସ୍ଥ ଧୂଆଁଛାଇ ଗ୍ରାମରେ ଜନ୍ମିତ ସ୍ୱର୍ଗତ ପଣ୍ଡା ପୁଲିସ ଚାକିରୀରେ ନିଯୁକ୍ତି ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁରେ ଭଞ୍ଜନଗର, ଗାଙ୍ଗପୁର, ବୁଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ଦେବାଶିଷ, ବୋହୂ, ଝିଅ ଝରଣା, ଜ୍ୱାଇଁ, ନାତି,ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଗ୍ରାମ ଧୂଆଁଛାଇ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ପୁଅ ଦେବାଶିଷ ମୁଖଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭଞ୍ଜନଗରର ବରିଷ୍ଠ ସାମ୍ବାଦିକ ମାଗୁଣି ମିଶ୍ର, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ ବିଷୋୟୀ, ଯୁବ ଆଇନଜୀବୀ କୁନା ନାୟକ, ଆଇନଜୀବୀ ଅଶୋକ ଜେନା, ଖରାଂଶୁ ଦାସ, ସମୀର ନାୟକ, ବରିଷ୍ଠ ଆଇନଜୀବୀ ସନ୍ତୋଷ ପଣ୍ଡା, କାଉନସିଲର ପ୍ରତିନିଧି ଶିବରାମ ଜେନା, ଭଞ୍ଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ପାଦକ ସୁବଳ ଭୂୟାଁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ।

## ଏମ୍‌କେସିଜି ପରିଦର୍ଶନରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ

ବ୍ରହ୍ମପୁର,୧୧।୫(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ



ବବିତା ପାତ୍ର। ଏହା ସହ ଆୟୋଗର ସଦସ୍ୟ ମନସ୍ମିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ରହିଥିଲେ। ପରିଦର୍ଶନ ସମୟରେ ସେ ମେଡିକାଲର ଶିଶୁ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ବୁଲି ନବଜାତ ଓ ଶିଶୁଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅଧ୍ୟକ୍ଷ ଶିଶୁ ବିଭାଗର ଆଶୁଚିକିତ୍ସା ବିଭାଗ, ଏସଏନସିୟୁ, ପିକୁ ଓ ନିକୁ ପରିଦର୍ଶନ କରି ସେଠାରେ ଚାଲୁଥିବା ଚିକିତ୍ସା ବ୍ୟବସ୍ଥା, ଶିଶୁଙ୍କ ଯତ୍ନ ଓ ଉପଲବ୍ଧ ସୁବିଧା ବୁଲି ଦେଖିଥିଲେ। ଶିଶୁ ବିଭାଗରେ ଲାଗିଥିବା ଏସି ଓ ବିଦ୍ୟୁତ୍ ତାରର ଯୋଗାଣର ଅବ୍ୟବସ୍ଥାକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ବିଦ୍ୟୁତ୍ ବିଭ୍ରାଟ ଘଟିବା ପୂର୍ବରୁ ଆବଶ୍ୟକ ପଦକ୍ଷପ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହେଇଥିଲେ। ପରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଯାଇ ପ୍ରସୂତି ମହିଳାଙ୍କ ପାଇଁ ଉପଲବ୍ଧ ଚିକିତ୍ସା ସେବାର ମଧ୍ୟ ସମୀକ୍ଷା କରିଥିଲେ। ପରିଦର୍ଶନ ବେଳେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ଉତ୍ତମ ବ୍ୟବହାର କରିବାକୁ ସେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଚିକିତ୍ସା ସେବା ସହ ମାନବିକ ବ୍ୟବହାରକୁ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଏହାସହ ମେଡ଼ିକାଲର ଔଷଧ ବିତରଣ ବ୍ୟବସ୍ଥାର ସମୀକ୍ଷା କରି ଶିଶୁ ରୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଔଷଧ ବିତରଣ(ନିରାମୟ) କେନ୍ଦ୍ର ଖୋଲିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା ଶିଶୁ ରୋଗୀ ଓ ସେମାନଙ୍କ ଅଭିଭାବକମାନେ ଅଧିକ ସୁବିଧା ପାଇପାରିବେ ବୋଲି କହିଥିଲେ। ମେଡ଼ିକାଲର ବାୟୋକେମେଷ୍ଟ୍ରି ବିଭାଗ ଅଧିନରେ ରହିଥିବା ନ୍ୟୁ ବର୍ଣ୍ଣ ସ୍କ୍ରିନିଂ(ଏନବିଏସ) ସେବା ବନ୍ଦ ରହିଥିବା ବେଳେ ତାହା

- ବୁଲି ଦେଖିଲେ ଶିଶୁ ଏବଂ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ
- ଶିଶୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଔଷଧ ବିତରଣ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ
- ରୋଗୀ ଓ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର କରିବାକୁ ପରାମର୍ଶ

ଚଳିତ ବର୍ଷ ଜୁନ ମାସ ପ୍ରଥମରୁ ନବଜାତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଏନବିଏସ ପରୀକ୍ଷା କରାଯିବ ବୋଲି କହିଥିଲେ। ସେହିପରି ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ରହିଥିବା ଅବ୍ୟବସ୍ଥା ସୁଧାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡ଼ା. ଜେ ସାଗର କୁମାର ପୃଷ୍ଟି, ଶିଶୁ ରୋଗ ବିଭାଗର ପ୍ରଫେସର ଡା. ଟିଭି ରାମକୁମାର, ପ୍ରସୂତି ସ୍ତ୍ରୀ ରୋଗ ବିଭାଗର ପ୍ରଫେସର ଡା. ସଂଘମିତ୍ରା ମହାପାତ୍ର, ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଡିସିପିଓ ରାଜେଶ୍ୱରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ଣ୍ଣାଟକରେ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ

ଚନ୍ଦ୍ରପୁର,୧୧।୫(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ପିସ୍କାପଙ୍ଗା ଗ୍ରାମପଞ୍ଚାୟତ ଅଧୀନ ଧାରସିଂ ଗ୍ରାମର ଦେବେନ୍ଦ୍ର ବ୍ରେକବେଡା (୨୧) ସନ୍ଧ୍ୟାରେ କୌଣସି କାମରେ ବଜାରକୁ ଆସି ଫେରିବା ସମୟରେ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦେବେନ୍ଦ୍ର ଗତ ୩ ବର୍ଷ ହେଲା କର୍ଣ୍ଣାଟକ ରାଜ୍ୟର କନକଳାର ଗ୍ରାମର ଏକ ଇଟା ଭାଟିକମ୍ପାନିରେ କାମ କରି, ସେହି ଟଙ୍କାରେ ପରିବାର ପ୍ରତିପୋଷଣ କରୁଥିଲେ।। ତାଙ୍କ ଅକାଳ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। କର୍ଣ୍ଣାଟକ ରାଜ୍ୟରୁ ପୁଅର ପାର୍ଥିବ ଶରୀର କିପରି ଗାଁକୁ ଫେରି ଆସିବ, ସେନେଇ ପରିବାର ଓ ସରପଞ୍ଚ ପ୍ରତିନିଧି ସୁନା ବିଡିକା, ସମିତି ସଭ୍ୟ ଆକୁମାଝୀ ଗଗେରେଙ୍ଗା ଗ୍ରାମବାସୀ ଫୋନ ମାଧ୍ୟମରେ ରାୟଗଡ଼ା ଲେବର ଅଫିସ୍‌କୁ ଯୋଗାଯୋଗ କରି ଗୁହାରି ଜଣାଇଛନ୍ତି। କର୍ଣ୍ଣାଟକ ରାଜ୍ୟରେ ଘଟିଥିବାରୁ ସେଠାକାର ପୁଲିସ ସହ ଯୋଗାଯୋଗ କରି ସମସ୍ତ ସହାୟତା ଓ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଛି।

## ଉଦ୍ଧାର ହରିଣର ମୃତ୍ୟୁ

ବିଷମ କଟକ,୧୧।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ବନସଂରକ୍ଷିତ ଅଧୀନରେ ଥିବା ରାଣିବନ୍ଧ ଗ୍ରାମବାସୀଙ୍କ ପକ୍ଷରୁ ଉଦ୍ଧାର ହରିଣର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନ ସମୟରେ ନିୟମଗିରି ପାହାଡରୁ ଗୋଟିଏ ହରିଣ କୌଣସି କାରଣ ବଶତଃ ରାଣିବନ୍ଧ ଗାଁ ମୁହାଁ ହୋଇ ଦୌଡି ଦୌଡ ଗ୍ରାମରେ ପ୍ରବେଶ କରିଥିଲା। ଗ୍ରାମବାସୀ ମାନେ ଉକ୍ତ ହରିଣକୁ ଦେଖିବା ପରେ କାବୁ କରିଥିଲେ। ହେଲେ ହରିଣଟି ମାତ୍ରାଧିକ ଖରାରେ ଦୌଡି ଦୌଡି ଆସିଥିବାରୁ ଅଚେତ ପ୍ରାୟ ହୋଇଯାଉଥିଲା। ଗ୍ରାମବାସୀ ହରିଣ ଉଦ୍ଧାର ସଂକ୍ରାନ୍ତରେ ବନବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନପାଳ ହେମ କୁମାର ବେହେରା ଏବଂ ବନରକ୍ଷୀ ସୁମିତ୍ରା ସାହୁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ହରିଣକୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଭ୍ରାମ୍ୟମାଣ ଚିକିତ୍ସା ଦଳକୁ ଯୋଗା ଯୋଗକରିଥିଲେ। ଚିକିତ୍ସା ଦଳ ହରିଣଟିର ଚିକିତ୍ସା ଜାରି ରଖିଥିବା ବେଳେ ତାର ମୃତ୍ୟୁ ହୋଇଯାଇଥିଲା। ହରିଣଟିର ମୃତ୍ୟୁ ପରେ ବିଷମକଟକ ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ରେବତୀ ରମଣ ମହାନ୍ତିଙ୍କ ତତ୍ତ୍ୱାବଧନରେ ହରିଣର ଶବ ବ୍ୟବଚ୍ଛେଦ କରାଯାଥିଲା। ହରିଣର ଶବ ବ୍ୟବଚ୍ଛେଦ ପରେ ମୃତ ହରିଣକୁ ବନ କର୍ମଚାରୀ ଚାଟିକୋଣା ନର୍ସରୀ ପରିସରରେ ପୋତି ଦେଇଛନ୍ତି। ହରିଣଟିର ବୟସ ଆନୁମାନିକ ୩ ବର୍ଷ ହେବ। ଲୋକଙ୍କୁ ଦେଖି ହରିଣଟି ଭୟଭିତ ହୋଇ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଡାକ୍ତର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ଜଙ୍ଗଲ ଜନ୍ତୁ ଗାଁ ମୁହା ହେବା ସହ ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି।

## ହଳଦୀ ଚାଷରେ ହସିଲା ମହିଳାଙ୍କ ସଂସାର

ରାମନାଗୁଡ଼ା,୧୧।୫(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ଉଦ୍ୟାନ କୃଷି ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶକ୍ତି ଅଧୀନ 'ଏମ୍ ପାୱାର'ର ମିଳିତ ସହଯୋଗରେ ହଳଦୀ ଚାଷ କରି ଏବେ ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ଡାବିଲିଗୁଡ଼ା ଓ ଅନ୍ୟ ଗ୍ରାମ ମହିଳାମାନେ ସଫଳତାର ସହ ନିଜର ଗୁଜୁରାଣ ମେଣ୍ଟାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଚାଷ କରୁଥିବା ମହିଳାମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଉନ୍ନତ ହଳଦୀ ବିହନ ଓ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। ଏଥିସହିତ 'ଏମ୍ ପାୱାର' ପକ୍ଷରୁ ମହିଳାମାନଙ୍କୁ ସଂଗଠିତ କରିବା ସହ କ୍ଷେତ୍ର ପରିଦର୍ଶନ ଓ ହଳଦୀର ଉପଯୁକ୍ତ ବଜାର ବ୍ୟବସ୍ଥା ଦିଗରେ ମାର୍ଗଦର୍ଶନ ଦେଇଥିଲା। ବିଶେଷ କରି ଜୈବିକ ପଦ୍ଧତିରେ



ସ୍ୱାବଲମ୍ବୀ ହେଲେ ଆଦିବାସୀ ମହିଳା

କିଭଳି ଅଧିକ ଅମଳ କରାଯାଇପାରିବ, ସେ ନେଇ ବିଭାଗୀୟ ଅଧିକାରୀମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ଚାଷ କରିବା ଦୁଇ ବର୍ଷ ପରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୫ କ୍ୱିଣ୍ଟାଲ ବର୍ତ୍ତମାନ ହଳଦୀ ଅମଳ କରାଯାଉଛି। ଏହା ଦ୍ୱାରା ହଳଦୀର ଗୁଣବତ୍ତା ଓ ରଙ୍ଗ ସଠିକ୍ ରହୁଥିବା ନେଇ ମହିଳା ଚାଷୀ କହିଛନ୍ତି। ଅମଳ ହୋଇଥିବା ହଳଦୀର ମାନ ଉନ୍ନତ ମାନର ହୋଇଥିବାରୁ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଛି। ଆଗାମୀ ଦିନରେ ମହିଳାମାନେ କେବଳ କଞ୍ଚା ହଳଦୀ ବିକ୍ରି ନ କରି ଏହାର ପ୍ରକ୍ରିୟାକରଣ କରି ହଳଦୀ ଗୁଣ୍ଡ ପ୍ରସ୍ତୁତ କରିବା ସହ ଏହାର ବଜାରୀକରଣ ନେଇ ଲକ୍ଷ୍ୟ ରଖିଛନ୍ତି। ଯାହାଫଳରେ ସେମାନେ ଦୁଇ ପଇସା ଅଧିକ ଲାଭ ପାଇବେ ବୋଲି କହିଛନ୍ତି ଏମ୍ ପାୱାର ର ପ୍ରତିନିଧି। ଏହାଦ୍ୱାରା ସେମାନେ ନିଜ ପରିବାରର ଆର୍ଥିକ ବୋଝ ସମ୍ଭାଳିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଉଦ୍ୟାନ ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଆଗାମୀ ଦିନରେ ରାମନାଗୁଡା ବ୍ଲକରେ ଅଧିକ ହଳଦୀ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳାମାନଙ୍କର ଏହି ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ବାସ୍ତବିକ୍ ସରକାରୀ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଗାଁର ମହିଳାମାନେ ଯେ କୌଣସି କ୍ଷେତ୍ରରେ ସଫଳ ହୋଇପାରିବେ, ତାହା ଏହି ହଳଦୀ ଚାଷ ପ୍ରମାଣିତ କରିଛି।

## ପୁଲିସର ୱାରେଣ୍ଟି ଧରପଗଡ଼ ଅଭିଯାନ, ୬ ଗିରଫ

ବୁଗୁଡା,୧୧।୫(ସମିସ): ପୁଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୫ ତାରିଖଠାରୁ ୱାରେଣ୍ଟି ଧରପଗଡ ଅଭିଯାନ ଚାଲିଥିବା ବେଳେ ସୋମବାର ବୁଗୁଡା ପୁଲିସ ୬ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ କହିଛନ୍ତି। ଗିରଫ ମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ପାଣିକେଶର ଗ୍ରାମର ଦୁଃଖୀ ବିଷୋୟୀ (୩୩), ଗୋଳାବନ୍ଧ ଗ୍ରାମର ରବି ଜେନା (୩୩), କଇମ ଗ୍ରାମର ଶ୍ରୀହର୍ଷ ନନ୍ଦ (୫୩), ଘୋଡାପଡା ଗ୍ରାମର ସଞ୍ଜୟ ନାୟକ (୪୬), ଲକ୍ଷ୍ମୀ ଜେନା (୩୩) ଓ ଉଷା ନାୟକ (୨୭)। ପ୍ରକାଶ ଯେ, ଏକ ଡକାୟତି ଘଟଣାରେ ଜଡିତ ଦୁଃଖୀଙ୍କ ବିରୋଧରେ ଜିଆର୍ କେସ୍‌ନଂ ୭୫/୨୦୧୨ରେ ଏକ ମାମଲା ରହିଥିଲା। ସେହିପରି ଚୋରି ଘଟଣାରେ ସମ୍ପୃକ୍ତ ରବିଙ୍କ ବିରୁଦ୍ଧରେ ଜିଆର୍ କେସ୍‌ନଂ ୫୪/୨୦୧୧ରେ ଏକ ମାମଲା ରହିଥିଲା ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ଜଡିତ ଶ୍ରୀହର୍ଷଙ୍କ ବିରୁଦ୍ଧରେ ଏସଟି କେସ୍‌ନଂ ୧୪୯/୨୦୨୨ରେ ଏକ ମାମଲା ରହିଥିଲା। ଅନ୍ୟପକ୍ଷରେ ଏକ ହତ୍ୟା ଉଦ୍ୟମ ଅଭିଯୋଗର ଅଭିଯୁକ୍ତ ସଞ୍ଜୟ, ଲକ୍ଷ୍ମୀ ଓ ଉଷାଙ୍କ ବିରୁଦ୍ଧରେ ଏସଟିକେସ୍ ନଂ ୧୫୩/୨୦୨୩ରେ ଏକ ମାମଲା ରହିଥିଲା। ଉକ୍ତ ୱାରେଣ୍ଟି ଧରପଗଡ ଅଭିଯାନରେ ଏଏସଆଇ ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଦିଗପହଣ୍ଡି,୧୧।୫(ସମିସ): ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ରାସ୍ତାଘାଟ ଓ ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଦାବି ଜଣାଇଥିଲେ। ଗୌଡ଼ଗାଁର ମିଲ୍ ସାହି ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ଡ୍ରେନ୍ ନିର୍ମାଣ କରାଯିବା ସହ ଦୀର୍ଘଦିନରୁ ଲାଗିରହିଥିବା ପାନୀୟ ଜଳ ସମସ୍ୟା ନେଇ ସରପଞ୍ଚ ସୁନୀତା ସାହୁ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ସିଡିପିଓ ଗୀତାଞ୍ଜଳି ବେହେରା, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥ, ରାଜସ୍ୱ ନୀରିକ୍ଷକ ସୁନୀଲ ବେହେରା, ସହକାରୀ ରାଜସ୍ୱ ନୀରିକ୍ଷକ ଶିବାଶିଷ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ଆଦିତ୍ୟ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ଦଳାଇ, ଏଡିଓ ରାଜାରାମ ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ଜୟଭଦ୍ର ମହାରଣା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ

## ବାଲି ବୋଝେଇ ୨ ଟ୍ରଲି ଓ ୧ ଟ୍ରାକ୍ଟର ଜବତ

ଦିଗପହଣ୍ଡି,୧୧।୫(ସମିସ): ବାହୁଦା ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ଅଭିଯୋଗ ହୋଇଆସୁଛି। ସୋମବାର ପୂର୍ବାହ୍ନରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ନିକଟ ବାହୁଦା ନଦୀ ଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରାଯାଉଥିବା ବେଳେ ଅତର୍କିତ ଚଢ଼ଉ କରିଥିଲେ। ଏହି ଚଢ଼ଉ ପୂର୍ବରୁ ସୂଚନା ପାଇ ୨ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ନେଇ ଚମ୍ପଟ ମାରିଥିବା ତହସିଲଦାର ନଦୀ ଘାଟରୁ ୨ ଟି ନମ୍ବର ବିହୀନ ବାଲି ବୋଝେଇ ଟ୍ରଲିକୁ ଜବତ କରିଥିଲେ। ପରେ ସେ ବ୍ରହ୍ମପୁର କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ନାୟକଙ୍କୁ ଡକାଇ ହସ୍ତାନ୍ତର କରିଥିଲେ। ଖଣି ଅଧିକାରୀ ଏନେଇ କେ.ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକ ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜବତ ବାଲି ବୋଝେଇ ୨ ଟ୍ରଲିକୁ ନୂଆପଡ଼ା ଫାଣ୍ଡି ଅଧିକାରୀ ଏଏସଆଇ ସୁବାସ ବାୟକଙ୍କୁ ଜିମାରେ ଦିଆଯାଇଛି। ସେହିପରି ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟରେ ଦ୍ରୁତଗତିରେ ଯାଉଥିବା ବାଲି ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି୦୭ ଏଡବ୍ଲ୍ୟୁ - ୪୫୭୫) କୁ ତହସିଲଦାର ଅଟକାଇ ଯାଞ୍ଚ କରିବାରୁ ବିନା ୱାଇ ଫାର୍ମରେ ବାଲି ଚାଲାଣ ହେଉଥିବା ଜାଣିବା ପରେ ଟ୍ରାକ୍ଟରକୁ ଜବତ କରି କନିଷ୍ଠ ଖଣି ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜଗନ୍ନାଥପ୍ରସାଦ,୧୧।୫(ସମିସ): ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଜଗନ୍ନାଥପ୍ରସାଦ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ୧୫୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୪୬ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ଥିଲା। ରେଡ଼କ୍ରସ ପାଣ୍ଠିରୁ ମଞ୍ଜୁ ପ୍ରଧାନ ଓ କମଳା ପ୍ରଧାନଙ୍କୁ ୫ହଜାର ଲେଖାଏଁ ଦିଆଯାଇଥିଲା। ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ର ଗୁଡିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ବିଜ୍ଞାପିତ ଅଞ୍ଚଳ କଇଥସାହିରେ ସ୍ଥାୟୀ ସ୍ମଶାନ ଘାଟ ତିଆରି ସମାଧାନ ପାଇଁ ସାମ୍ବାଦିକ ଧବଳେଶ୍ୱର ବେହେରା ଅଭିଯୋଗ ପତ୍ର ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନାଙ୍କୁ ଦେଇଥିଲେ। ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ବିଡିଓ ଶ୍ରୀ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଶିବିରରେ ଜିଲ୍ଲାପାଳ କିର୍ତ୍ତିଭାଷନ.ଭି, ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ଦୀପକ କୁମାର ଜେନା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡିଓ ମନ୍ମଥ ନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ନିଜ ସ୍କୁଲରେ ମାଟ୍ରିକ ଟପ୍ପରଙ୍କ ଚାରାରୋପଣ

ଜି.ଉଦୟଗିରି,୧୧।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଜି.ଉଦୟଗିରି ବ୍ଲକ ଟପ୍ପର, ଜିଲ୍ଲାରେ ଦ୍ୱିତୀୟ ଏବଂ ଇଂରାଜି ଭାଷାରେ ରାଜ୍ୟରେ ପ୍ରଥମ ହୋଇଥିବା ହବାକ ହାଇସ୍କୁଲ ଛାତ୍ର ଅଭିଲାଷ ପଟ୍ଟନାୟକଙ୍କୁ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ଉପଢୌକନ ସହିତ ଚାରାଦେଇ ସମ୍ମାନିତ କରିଥିଲେ। ଏବେ ସେହି ଚାରାକୁ ଅଭିଲାଷ ନିଜ ସ୍କୁଲ ପରିସରରେ ରୋପଣ କରିଛନ୍ତି। ସ୍କୁଲ୍ ଉଦ୍ୟାନ ପରିସରରେ ଚାରାରୋପଣ କରାଯାଇଥିବା ବେଳେ ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ର, ମୃତ୍ୟୁଞ୍ଜୟ ପ୍ରଧାନ, କୃଷ୍ଣ ଚନ୍ଦ୍ର ପ୍ରଧାନ ସହିତ ଅଭିଭାବକ ଡା. ସତ୍ୟ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ ।

## କତଲକଇଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି




ଗୋଷାଣି,୧୧।୫(ସମିସ): ଗୋଷାଣି ବ୍ଲକ କତଲକଇଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ସମୁଦାୟ ୨୨ ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ବ୍ୟକ୍ତିଗତ ୧୭ ଏବଂ ସାମୂହିକ ୫ସମସ୍ୟା ରହିଥିଲା । ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରୀଷ୍ମ ଋତୁରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସହ ଜଳାଶୟର ପୁନରୁଦ୍ଧାର ପାଇଁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ଏହି ଅଭିଯୋଗ ଶୁଣାଣିରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, କତଲକଇଠା ସରପଞ୍ଚ ଏସ.ଲିଙ୍ଗରାଜୁ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସ୍ୱାଧୀନ ପରିଡା, ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ କୁମାର ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ପ୍ରିୟଙ୍କା କାନୁନଗୋ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ବୃନ୍ଦାବତୀ ପାତ୍ର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଖଗେଶ୍ୱର ଭୂୟାଁ ପ୍ରମୁଖଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀଉପସ୍ଥିତ ରହିଥିବା ବେଳେ ପିଇଓ ବିନୋଦ ଗୌଡ ପରିଚାଳନା କରିଥିଲେ ।

## ନର୍ସିଂ ଛାତ୍ରୀଙ୍କ ସଚେତନ ଶୋଭାଯାତ୍ରା




ଜି.ଉଦୟଗିରି,୧୧।୫(ସମିସ): ଜାତୀୟ ନର୍ସିଂ ଦିବସ ମଙ୍ଗଳବାର ପାଳନ ହେବାକୁ ଥିବାବେଳେ ଆଜି ଜି.ଉଦୟଗିରି ଏମଏମସିର ନର୍ସିଂ ଛାତ୍ରୀଙ୍କ ଦ୍ୱାରା ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସିଇଓ ଡା. ପ୍ରଦୀପ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଶତାଧିକ ଛାତ୍ରୀ ହାତରେ ମହମବତୀ ଧରି ସଚେତନ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ, ତହସିଲ, ଥାନା, ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟ ପରିକ୍ରମା କରିଥିଲା। ଆଲୋକ କୁମାର ନାୟକ, ଡା.ଦେବରାଜ ଦାଶ ଓ ସଂଗୀତା ସାହୁ ଏଥିରେ ସାମିଲ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି



ନୂଆଗଡ଼,୧୧।୫(ସମିସ): ନୂଆଗଡ଼ ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ଦ୍ୱାରା ପଞ୍ଚାୟତସ୍ତରୀୟ ଜନ ଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର ଅନୁଷ୍ଠିତ ହୋଇଥିଲା। ଜନଶୁଣାଣିରେ ପଞ୍ଚାୟତ ଅଧୀନରେ ଥିବା ୩ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ କର୍ମଚାରୀଙ୍କ ମରୁଡ଼ି , ପାନୀୟଜଳ, ରାସ୍ତା, ଭତ୍ତା, ନୂତନ ଖାଉଟି କାର୍ଡ ଭଳି ମୋଟ ୧୭ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯ ଗୋଷ୍ଠୀଗତ ସମସ୍ୟା ଥିବା ବେଳେ ୮ ବ୍ୟକ୍ତିଗତ ସମସ୍ୟା ରହିଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ, ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ସମେତ କିଛି ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ସ୍ଥାନୀୟ ସରପଞ୍ଚ ସରୋଜିନୀ ରଇତ, ସମିତିସଭ୍ୟା ସୂଚୀତା ଭୂୟାଁ ଓ ପିଇଓ ବି.ଲିଙ୍ଗରାଜ ସହଯୋଗ କରିଥିଲେ।

### ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଉତ୍ତେଜନା ପ୍ରବଣ ଗାଁ ୨ ଗାଁରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା

# ବିବାଦ ଶୀଘ୍ର ନ ତୁଟିଲେ ଆନ୍ଧ୍ର ସହ ନୂତନ ବିବାଦ ମୁଣ୍ଡ ଟେକିବ

ପାରଳାଖେମୁଣ୍ଡି/ରାୟଗଡ,୧୧।୫(ସମିସ)

ଉପାନ୍ତ ପ୍ରହରୀ ତଥା ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଆଜି ଉତ୍କଳ ସମ୍ମିଳନୀ ଗଜପତି ଶାଖାର ଏକ ପ୍ରତିନିଧି ଦଳ ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ବିବାଦ ଓ ଉତ୍ତେଜନପୂର୍ଣ୍ଣ ସୃଷ୍ଟି ହୋଇଥିବା ମାଣିକପୁର ଓ ଗୁଡିଖୁଡି ଗ୍ରାମ ପରିଦର୍ଶନ କରି ଥିଲେ। ଘଟଣାସ୍ଥଳ ପରିଦର୍ଶନରୁ ପ୍ରତିନିଧି ମଣ୍ଡଳ ଜାଣିବାକୁ ପାଇଲେ ଯେ, ଜନଗଣନାରେ ମାଣିକପାଟଣାର ୮୧ଟି ପରିବାର ମଧ୍ୟରୁ ୨୨ ଜଣଙ୍କ ବାସଗୃହକୁ ଉଭୟ ଓଡିଶା ଓ ଆନ୍ଧ୍ର ପ୍ରଶାସନ ଅନ୍ତର୍ଭୁକ୍ତ କରିବା ଦ୍ୱାରା ବିବାଦ ମୁଣ୍ଡ ଟେକିଛି । ଉଭୟ ପକ୍ଷ ଦ୍ୱାରା ବିବାଦୀୟ ୨୨ ଗୃହ କାନ୍ଥରେ ସାଂପ୍ରତିକ ସମୟର ଜନଗଣନା ସମ୍ପର୍କିତ ସୂଚନା ଥରେ ଲେଖା ହୋଇ ଜଣେ ଅନ୍ୟର ଲିଭାଇବା ପରେ ବର୍ତ୍ତମାନ ଉଭୟ ପକ୍ଷର ସୂଚନାର ଉଲ୍ଲେଖ ସେହି ଘର ଦାଣ୍ଡ କାନ୍ଥରେ ବର୍ତ୍ତମାନ ଦେଖିବାକୁ ମିଳୁଛି । ଘଟଣା ସ୍ଥଳ ପରିଦର୍ଶନ ପରେ ପୂର୍ବତନ ତହସିଲଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି ଯେ ୧୯୯୧ ବେଳକୁ ମାଣିକପାଟଣା ଗାଁରେ କେବଳ ଜଣେ ବୃଦ୍ଧଙ୍କର ଘରର ଦାଣ୍ଡ ପଟକୁ ଓଡ଼ିଶାର ଓ ତାଙ୍କ ବାରିପଟକୁ ଆନ୍ଧ୍ର ଦାବି କରୁଥିଲା । ସେହି ଗାଁର ଅନ୍ୟ ସମସ୍ତ ବାସଗୃହ ଓଡ଼ିଶାର ମାଲିକାନା ଓ ଦଖଲ ଅନୁଭବରେ ଥିଲା । ଏବେ ଆନ୍ଧ୍ର ପକ୍ଷ ସେମାନଙ୍କ ଦାବି ସଂପ୍ରସାରିତ କରିବାରେ ଲାଗିଛନ୍ତି । ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ, ଷ୍ଟେଟବ୍ୟାଙ୍କ୍ ଗ୍ରାହକ ସେବା କେନ୍ଦ୍ର ଓ



ଅଙ୍ଗନବାଡି କେନ୍ଦ୍ର ସେଠାରେ ବହୁ ପୂର୍ବରୁ ପ୍ରତିଷ୍ଠିତ ଥାଇ ସକ୍ରିୟ ଅଛି । ଗାଁର ଅଧିକାଂଶ ପିଲା ଓଡ଼ିଶା ସ୍କୁଲକୁ ଯାଉଥିବା ବେଳେ ଓଡ଼ିଶା ଅଙ୍ଗନବାଡି କେନ୍ଦ୍ରକୁ କିନ୍ତୁ ସମସ୍ତ ପ୍ରି-ସ୍କୁଲ ପିଲା ନଯାଇ କେତେକ ଆନ୍ଧ୍ରକୁ ଓ ଓଡିଶାର ଅନ୍ୟ କେତେକ ଅଙ୍ଗନବାଡି କେନ୍ଦ୍ରକୁ ଯାଉଛନ୍ତି। ଗାଁର ସମସ୍ତେ ଉଭୟ ଆନ୍ଧ୍ର ଓ ଓଡିଶାରେ ଆଧାରକାର୍ଡ ଓ ଭୋଟ ପରିଚୟ ପତ୍ର ପାଇଛନ୍ତି। ୩୮ ଜଣ ଓଡ଼ିଶାରୁ ରେସନ୍ ନେଉଥିବା ବେଳେ ଆନ୍ଧ୍ରରୁ ୯ ଜଣ ନେଉଛନ୍ତି। ଓଡ଼ିଶାର ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଏଠାକୁ କେବଳ ବିବାଦ ହେଲେ ଯାଉଥିବା ଜଣାପଡିଛି। ଆନ୍ଧ୍ର ପ୍ରଶାସନ ସେଠାରେ ଲୋକଙ୍କ ସହ ଯେଭଳି ପ୍ରତ୍ୟକ୍ଷ ସମ୍ପର୍କ ରଖିଛନ୍ତି । ଓଡ଼ିଶା ପକ୍ଷରୁ ସେପରି ହେଉନଥିବା କ୍ଷେତ୍ର ପରିଦର୍ଶନ ବେଳେ ଏହି ଟିମ୍ ଜାଣିବାକୁ ପାଇଥିବାର ପ୍ରକାଶ କରିଛନ୍ତି । ସେହିପରି ଗୁଡିଖୁଡିରେ ଆନ୍ଧ୍ରପ୍ରଦେଶର କୌଣସି ଅନୁଷ୍ଠାନ ନାହିଁ। ଓଡ଼ିଶାର ଏକ ଅଙ୍ଗନବାଡି କେନ୍ଦ୍ର ବହୁ ବର୍ଷ ହେଲା ଚାଲିଛି। ସେଠିକାର ପ୍ରି-ସ୍କୁଲରେ ପିଲା ୧୧ ଜଣଙ୍କ ମଧ୍ୟରୁ ପୂର୍ବେ ମାତ୍ର ଜଣେ ଓଡ଼ିଶାର ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିଲେ । ଏବେ ସମସ୍ତ ୧୧ ଜଣ ଯାକ ଆସୁଛନ୍ତି । ସେଠାକାର କେତେକ ଲୋକେ ଆନ୍ଧ୍ରର ଏଜେଣ୍ଟ ପରି କାର୍ଯ୍ୟକରୁଥିବା ଜଣାପଡିଛି। ଏଠାରେ ଜନଗଣନାକୁ ନେଇ ଆନ୍ଧ୍ର ସହ କୌଣସି ବିବାଦ ହୋଇନାହିଁ । କିନ୍ତୁ ବିବାଦ ଚାଲିଛି ଗଜପତି ଓ ଗଞ୍ଜାମ ଜିଲ୍ଲା ମଧ୍ୟରେ । ଗଜପତି ପକ୍ଷରୁ ଜନଗଣନା ସୂଚନା ଫଳକ ଏଠାରେ ଦିଆଯିବା ପରେ ଗଞ୍ଜାମ ପାତ୍ରପୁର ବ୍ଲକର ଶିକ୍ଷୟିତ୍ରୀ ସେଥିପାଇଁ ଆଜି ଆସିଥିବା ଦେଖିବାକୁ ପାଇଥିଲେ ଉତ୍କଳ ସମ୍ମିଳନୀ ଟିମ୍ । ଏହି ଗୋଟିଏ ଗାଁ ଗଜପତିର ଗଙ୍ଗାବାଡ ପଞ୍ଚାୟତରେ ଥିବାବେଳେ ତାକୁ ପୁଣି ଗଞ୍ଜାମର ବୁରାତାଲ ପଞ୍ଚାୟତର ଅନ୍ତର୍ଭୁକ୍ତ କରାଯାଇଛି । ଏଠାରେ ଗଞ୍ଜାମ ଜିଲ୍ଲାର କୌଣସି ଅନୁଷ୍ଠାନ ବା ଜନବସତି ନାହିଁ । କେବଳ ଗୋଟିଏ ଦୁଇଟି ପରିବାର ବୁରାତାଲ ପଞ୍ଚାୟତରୁ ଆସି ଏଠାରେ ଗାଁ ସୀମାରେ ଅସ୍ଥାୟୀ ଭାବେ ରହୁଛନ୍ତି । ଓଡ଼ିଶାର ଦୁଇଟି ଜିଲ୍ଲା ସୀମାକୁ ନେଇ ରହିଥିବା ଏ ବିବାଦ ଶୀଘ୍ର ନତୁଟିଲେ ଏହା ଆନ୍ଧ୍ର ସହ ନୂତନ ବିବାଦ ମୁଣ୍ଡ ଟେକିବାର ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା କହିଛନ୍ତି। ମାଣିକପାଟଣାରେ ବର୍ତ୍ତମାନ ଓଡ଼ିଶା-ଆନ୍ଧ୍ର ସୀମା ବିବାଦକୁ ନେଇ ଉତ୍ତେଜନା ଲାଗି ରହିଥିବା କ୍ଷେତ୍ର ପରିଦର୍ଶନ ବେଳେ ଜାଣିବାକୁ ମିଳିଛି ବୋଲି କୁହାଯାଇଛି। ସରକାରୀ ସ୍କୁଲରେ ଏହାର ଯଥାଶୀଘ୍ର ସମାଧାନ ପାଇଁ ସାଧାରଣ ଲୋକେ ମତ ପ୍ରକାଶ କରୁଛନ୍ତି । ଉତ୍କଳ ସମ୍ମିଳନୀର ଗଜପତି ଶାଖାର ସଭାପତି ଭାରତଭୂଷଣ ମହାନ୍ତି, ସମ୍ପାଦକ ବିନୋଦଚନ୍ଦ୍ର ଜେନା ଓ ସଦସ୍ୟ ପ୍ରମୋଦ ଚନ୍ଦ୍ର ପାଢୀ ଗସ୍ତ କରିଥିଲେ। ଗଙ୍ଗାବଡ ସରପଞ୍ଚ ହରିବନ୍ଧୁ କାର୍ଯୀଙ୍କ ସମେତ ସମିତିସଦସ୍ୟ ଓ ଅନ୍ୟମାନେ ପରିଦର୍ଶନ ବେଳେ ସହଯୋଗ କରିଥିଲେ ।

## ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ମା’ ପାଇଁ ଦିନଟିଏ

ପାରଳାଖେମୁଣ୍ଡି,୧୧।୫ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ “ମା ପାଇଁ ଦିନଟିଏ’ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଇତିଶ୍ରୀ ମହାପାତ୍ର ଓ ସଙ୍ଗଠନର ସମ୍ପାଦିକା ମୀନା କୁମାରୀ ଟହଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଭୁକ୍ତା ଓ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାତୃମଣ୍ଡଳୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡାକ୍ତର ମୁର୍ମୁ, କବି ଗୌରହରି କରସୁଧା ପଟ୍ଟନାୟକଙ୍କ ସମେତ ଉପସ୍ଥିତ ସଦସ୍ୟ କବିତା ପାଠ କରିବା ସହ ମା ପାଇଁ ଦିନଟିଏ ବିଷୟରେ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ରଥ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶଶୀଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଧନପତି ଦିଗାଲଙ୍କୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟ ରତ୍ନ ସମ୍ମାନ

ଫିରିଙ୍ଗିଆ,୧୧।୫(ସମିସ): ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତ ବାଟାବାହାଲି ଗାଁର ବିଶିଷ୍ଟ କବି, ଲେଖକ ତଥା କଣ୍ଠଶିଳ୍ପୀ ଧନପତି ଦିଗାଲଙ୍କୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ଗତ ୧୦ ତାରିଖ ଦିନ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଝାରସୁଗୁଡାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ଡା. ନବକିଶୋର ଶତପଥୀ, ବିଶିଷ୍ଟ ଶିକ୍ଷାବିତ ଡ. ମଙ୍ଗଳୁ କୁମାର ଦାସ, ବିଶିଷ୍ଟ ଅଧ୍ୟାପକ ରତ୍ନାକର ସେଠୀଙ୍କ ସହ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ। ଧନପତି ଫିରିଙ୍ଗିଆ ବ୍ଲକର ବାଟାବାହାଲି ଭଳି ଏକ ଉପାନ୍ତ ଅଞ୍ଚଳର ହୋଇଥିଲେ ମଧ୍ୟ ନିଜର ସାହିତ୍ୟ ସାଧନା ଜାରି ରଖିଥିବା ବେଳେ ଅନେକ ଗୀତ ରଚନା କରିବା ସହ ଅନେକ ଗୀତରେ କଣ୍ଠ ଦାନ କରି ଜିଲ୍ଲା ତଥା ଜିଲ୍ଲା ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।



## ଆର୍.ଉଦୟଗିରିରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୧୧।୫(ସମିସ): ଆର୍.ଉଦୟଗିରି ବ୍ଲକ ସଦରମହକୁମା ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ୨୫ ଅଭିଯୋଗର ଶୁଣାଣି କରିଥିଲେ । ଏଥିମଧ୍ୟରେ ୯ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୬ ସାମୁହିକ ଅଭିଯୋଗ ରହିଥିଲା । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣିରେ ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଆର୍.ଉଦୟଗିରି ବିଡିଓ ଲରେମନ ଖର୍ସେଲ ପ୍ରମୁଖଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହନିର୍ମାଣ, ରାସନ୍‌କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଶୁଣାଣିରେ ଜଣେ ଦୁଷ୍କର୍ମ ପୀଡିତା ଓ ତାଙ୍କ ପରିବାର ସୁରକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ ଠାରେ ଗୁହାରି କରିଥିଲେ । ଅଭିଯୋଗ ପ୍ରକାରେ ରାମଗିରି ଥାନା ପରିସଲ ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମରେ ଗତ ୨୦୧୯ ଡିସେମ୍ବର ୧୯ ତାରିଖରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଦୁଷ୍କର୍ମ କରିଥିଲା । ସେତେବେଳେ ରାମଗିରି ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା । ଯାହାକୁ ଭିତ୍ତି କରି ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟ ଏହି ମାମଲାରେ ୫ ବର୍ଷ କାରାଦଣ୍ଡ ଶୁଣାଇଥିଲେ। ତେବେ ଅଭିଯୁକ୍ତ ଜଣକ ଜେଲ୍‌ରୁ ବାହାରିବା ପରେ ପୀଡ଼ିତାଙ୍କୁ ପୁଣି ଦୁଷ୍କର୍ମ ଓ ତାଙ୍କ ପରିବାରଙ୍କୁ ହତ୍ୟା ଧମକଚମକ ଦେଉଥିବାର ଅଭିଯୋଗ କରିଛନ୍ତି । ଯାହାକୁ ଭୟକରି ପିଡ଼ିତା ଏବଂ ତାଙ୍କ ପରିବାର ଆଜି ସୁରକ୍ଷା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଭିଯୋଗକାରିଣୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।




## ପର୍ଯ୍ୟଟନସ୍ଥଳୀ ମୁଖ୍ୟ ରାସ୍ତାରେ ଗର୍ତ୍ତ

ପାରଳାଖେମୁଣ୍ଡି,୧୧।୫(ସମିସ)

ପାରଳାଖେମୁଣ୍ଡି ବିଏନ୍ ପ୍ୟାଲେସ୍ ଯିବା ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଯାତାୟତରେ ସମସ୍ୟା ଉପୁଜୁଛି । ଉକ୍ତ ଗର୍ତ୍ତ ପୂର୍ତ୍ତବିଭାଗର ନମ୍ବର-୧ ସବଡିଭିଜନ୍ ସମ୍ମୁଖରେ ସୃଷ୍ଟି ହୋଇଥିବା ବେଳେ ଏହି ରାସ୍ତା ବିଏନ୍ ପ୍ୟାଲେସ୍, ସର୍କିଟ ହାଉସ୍, ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ କାର୍ଯ୍ୟାଳୟ, ଜିଲ୍ଲାପରିଷଦ କାର୍ଯ୍ୟାଳୟ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ରାସ୍ତାର ପ୍ରାରମ୍ଭରେ ଦୀର୍ଘ ଦିନ ହେଲା ଗର୍ତ୍ତ ସୃଷ୍ଟି ହୋଇଥିଲେ ହେଁ ବିଭାଗୀୟ ଅଧିକାରୀ କିମ୍ବା ଯାତାୟତ କରୁଥିବା ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଦୁଇ ଦିନ ହେଲା ଏହି ଗର୍ତ୍ତ ସୁଡୁଙ୍ଗ ସଦୃଶ୍ୟ ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକେ ନିଶ୍ଚିତ ଦୁର୍ଘଟଣା ଆଶଙ୍କା କରି ଗଛଡାଳ, ପଥର ଆଦି ବିପଦ ସଙ୍କେତ ସୂଚକ ଭାବେ ରଖିଛନ୍ତି । ଏନେଇ ସ୍ଥାନୀୟ ବାସୀନ୍ଦା କହିଛନ୍ତି ଯେ, ଗର୍ତ୍ତ ଥିବା ନିକଟରେ ଥିବା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ରହିଛି । ଭାରୀଯାନ ଗୁଡିକ ଯାତାୟତ କରୁଥିବାରୁ ରାସ୍ତାଘାଟ ନଷ୍ଟ କରିବା ସହ ଦୈନନ୍ଦିନ ଯାତାୟତ କରୁଥିବା ପର୍ଯ୍ୟଟକ, ସରକାରୀ କର୍ମଚାରୀ କିମ୍ବା ଅଧିକାରୀ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଐତିହାସିକ ପର୍ଯ୍ୟଟନସ୍ଥଳୀ ବିଏନ୍ ପ୍ୟାଲେସକୁ ରହିଥିବା ପ୍ରାୟ ପାଖାପାଖି ଦେଢ କିମି ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାର ପୁନଃନିର୍ମାଣ କିମ୍ବା ମରାମତି କରିବା ପାଇଁ ଦାବି ହେଉଛି।



## ବାଲିଗୁଡ଼ାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ବାଲିଗୁଡ଼ା,୧୧।୫(ସମିସ): ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳଙ୍କୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିସି, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ମଲ୍ଲିକ ଓ ତହସିଲଦାର ଦୀପ୍ତି ପ୍ରକାଶ ବେହେରାଙ୍କ ସମେତ ଉପଖଣ୍ଡର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ । ୩୯ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ରାସ୍ତାଘାଟ, ପାନୀୟଜଳ, ଜମିଜମା ଉପରେ ମୋଟ ୭୩ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ନେଇ ଅଭିଯୋଗ ହୋଇଥିଲା।

